# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୩.୧୨.୨୦୨୨ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ ଅମରେଶ ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପଦ୍ମଜା ପ୍ରିୟଦର୍ଶିନୀ ଜେନା,
୩. ଶ୍ରୀମତୀ ଜୟନ୍ତୀ ସାହୁ,
୪. ଶ୍ରୀମତୀ ସମିତା ମହାନ୍ତି,
୫. ଶ୍ରୀ ଶ୍ରୀଧର ବେହେରା,
୬. ଶ୍ରୀ ସନ୍ତୋଷ କୁମାର ସିଂହ,
୭. ସେକ୍ ନୁରହାସନ୍

ଅଦ୍ୟ ତା ୨୩.୧୨.୨୦୨୨ ରିଖ ଅପରାହ୍ନ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଅମରେଶ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ହେଉଅଛି, କାର୍ଯ୍ୟରେ ବ୍ୟବହୃତ ହେଉଥିବା ଜିନିଷ ଗୁଡ଼ିକର ବଜାର ଦର ଅହେତୁକ ଭାବେ ବୃଦ୍ଧି ଘଟିଲାଣି । ପୁରାତନ ମୂଲ୍ୟ ଅନୁଯାୟୀ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପାଦନ କରିବାରେ ଅସୁବିଧା ହେଉଅଛି, ତେଣୁ Revised Schedule of Rates ପ୍ରକାଶ କରିବା ପାଇଁ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗକୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମର ତିନି ଗୋଟି ଜୋନ୍‌ର ତିନି ଗୋଟି ଡ଼ିଭିଜନ୍ ଏବଂ ଡ୍ରେନେଜ୍ ଡ଼ିଭିଜନ୍ କାର୍ଯ୍ୟ କରୁଅଛି । ଭୁବନେଶ୍ୱର ମହାନଗର ନିଗମର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ, "ଜାଗା ମିଶନ୍", "ମୁକ୍ତା" ଏବଂ ରାଜ୍ୟ/ କେନ୍ଦ୍ର ସରକାରଙ୍କର ବିଭିନ୍ନ ସ୍କିମ୍ ର କାର୍ଯ୍ୟ କରାଯାଉଅଛି । ନିଗମରେ ସହକାରୀ ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ କମ୍ ଥିବାରୁ କାର୍ଯ୍ୟ ଗୁଡ଼ିକ ଠିକ୍ ରୂପେ ତଦାରଖ କରାଯାଇପାରୁନାହିଁ, ତେଣୁ ଆଉ ୨୬ ଜଣ ଇଞ୍ଜିନିୟର୍ ଭୁବନେଶ୍ୱର ମହାନଗର ନିଗମରେ ନିଯୁକ୍ତି କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୧୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ଅମରେଶ ଜେନା
ସଭାପତି
ତା ୨୩.୧୨.୨୦୨୨ ରିଖ